# NATIONAL NEWS BULLETIN (ODIA)

**6 August - 2024**

**Mid-Day : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଦେଶର ବିକାଶରେ ଭାରତୀୟ ବଂଶୋଦ୍ଭବ ମାନଙ୍କ ଅବଦାନ ଅତୁଳନୀୟ-କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ବାଂଲାଦେଶ ଅସ୍ଥିରତା ସମ୍ପର୍କରେ ଆଜି ସଂସଦର ଉଭୟ ଗୃହକୁ ଅବଗତ କରାଇବେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ।

- ଜାତିସଂଘ ନେତୃତ୍ୱରେ ବାଂଲାଦେଶ ସମସ୍ୟାର ସମାଧାନ ଲାଗି ଆହ୍ୱାନ ଦେଲେ ବ୍ରିଟେନ୍ ସରକାର ।

- ପ୍ୟାରିସ୍ ଅଲମ୍ପିକ୍ସରେ ଆଜି ୪ଟି ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଭାରତୀୟ କ୍ରୀଡ଼ାବିତ୍ ।

ଏବଂ

- ଭୂ-ସ୍ଖଳନର ଆଜି ଅଷ୍ଟମ ଦିନରେ କେରଳ ୱାଏନାଡ ସୂଚୀପାରାରେ ତଲାସୀ ଅଭିଯାନ ଜାରି ।

---

## ପ୍ରେଜ୍-ଫିଜି କମ୍ୟୁନିଟି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫିଜିରେ ଭାରତୀୟ ସମୁଦାୟଙ୍କ ଦ୍ୱାରା ଆୟୋଜିତ ଏକ ବୈଠକରେ ଅଧ୍ୟକ୍ଷତା କରିବା ଅବସରରେ ଦେଶର ବିକାଶରେ ଭାରତୀୟ ବଂଶୋଦ୍ଭବ ମାନଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଛନ୍ତି। ଶ୍ରୀମତୀ ମୁର୍ମୁ ବିଶ୍ୱର ଯେକୌଣସି ସ୍ଥାନରେ ରହୁଥିବା ଭାରତୀୟମାନେ ଦେଶର ସଂସ୍କୃତି ଏବଂ ମୂଲ୍ୟବୋଧକୁ ବଜାୟ ରଖିବା ସହ ଅନ୍ୟ ଦେଶର ସଂସ୍କୃତି ସହ ଖାପଖୁଆଇ ଚଳିବାର ଅନନ୍ୟ ପରମ୍ପରାକୁ ଉଚ୍ଚ ପ୍ରଶଂଶା କରିଛନ୍ତି । ସେ କହିଛନ୍ତି, ଭାରତ ଏବଂ ଫିଜି ମଧ୍ୟରେ ଐତିହାସିକ ସମ୍ପର୍କ ରହିଛି ଏବଂ ଉଭୟ ଦେଶ ବିଶ୍ୱର ଉନ୍ନତିକଳ୍ପେ ସ୍ୱର ଉତ୍ତୋଳନ କରିଛନ୍ତି। ଏହି ଅବସରରେ ଆକାଶବାଣୀକୁ ଫିଜିରେ ରହୁଥିବା ଭାରତୀୟ ବଂଶୋଦ୍ଭବ ଡକ୍ଟର କେଶୱାନ ନାଦନ କହିଛନ୍ତି, ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଫିଜି ଆଗମନ କେବଳ ଏକ ସଂଯୋଗ ମାତ୍ର ନୁହେଁ; ବରଂ ଏହା ଭାରତସହ ଭାରତୀୟମାନଙ୍କ ମିଳନର ଏକ ଅପୂର୍ବ ମୁହୂର୍ତ୍ତ । ସେ କହିଛନ୍ତି, ଉଭୟ ଦେଶ ଦ୍ୱିପାକ୍ଷିକ ସମ୍ପର୍କକୁ ବୃଦ୍ଧି କରିବା ସହ ବିକାଶର ରାସ୍ତାରେ ଅଗ୍ରସର ହେବାର ସମୟ ଆସିଛି । ଏହାପୂର୍ବରୁ ଆଜି ସକାଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫିଜିର ସୁବାରେ ଭାରତ ସହାୟତାରେ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଟି କାର୍ଡିଓଲୋଜି ହସ୍ପିଟାଲକୁ ଫିଜି ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି।

# ଅଲ୍ ପାର୍ଟି ମିଟିଂ

ବାଂଲାଦେଶ ଅସ୍ଥିରତା ସମ୍ପର୍କରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ସଂସଦର ଉଭୟ ଗୃହରେ ବିବରଣୀ ରଖିବେ। ଡକ୍ଟର ଜୟଶଙ୍କର ଅପରାହ୍ଣ ୨ଟା ୩୦ରେ  ରାଜ୍ୟସଭାରେ ଏବଂ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ଲୋକସଭାରେ ବାଂଲାଦେଶର ସ୍ଥିତି ସମ୍ପର୍କରେ ସଦସ୍ୟମାନଙ୍କୁ ଅବଗତ କରାଇବେ। ସୂଚନାଯୋଗ୍ୟ ବାଂଲାଦେଶ ପ୍ରସଙ୍ଗରେ କେନ୍ଦ୍ର ସରକାର ଆଜି ସକାଳେ ଏକ ସର୍ବଦଳୀୟ ବୈଠକ କରିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ଏହି ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ନେତାମାନଙ୍କୁ ବାଂଲାଦେଶର ସାଂପ୍ରତିକ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହା, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ, କେନ୍ଦ୍ରମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମେତ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଟିଏମ୍‌ସି ନେତା ସୁଦୀପ ବନ୍ଦୋପାଧ୍ୟାୟ, ଏନ୍‌ସିପି ନେତା ସୁପ୍ରିୟା ସୁଲେ, ଆର୍‌ଜେଡି ମିଶା ଭାରତୀ, ସମାଜବାଦୀ ପାର୍ଟି ନେତା ପ୍ରଫେସର ରାମଗୋପାଳ ଯାଦବ ଏବଂ ଡିଏମ୍‌କେର ଟି.ଆର୍. ବାଲୁ ପ୍ରମୁଖ ଉପସ୍ଥିତ ଥିଲେ। ଶାସକ ମେଣ୍ଟର ମନ୍ତ୍ରୀ ଜେଡିୟୁ ନେତା ଲଲନ ସିଂହ, ଏଚ୍.ଡି.

କୁମାରସ୍ୱାମୀ, ଟିଡିପି ନେତା ରାମମୋହନ ନାଇଡୁ ଏବଂ ଏଲ୍‌ଜେପିର ଅରୁଣ ଭାରତୀ ମଧ୍ୟ ବୈଠକରେ ସାମିଲ ଥିଲେ ।

## ୟୁକେ-ବାଂଲାଦେଶ କ୍ରାଇସେସ୍

ଦେଶରେ ବିଦ୍ରୋହ ଏବଂ ପ୍ରଧାନମନ୍ତ୍ରୀ ପଦରୁ ହସିନାଙ୍କ ଇସ୍ତଫା ପରେ ବାଂଲାଦେଶରେ ଦେଖାଦେଇଥିବା ସମସ୍ୟାର ସମାଧାନ ପାଇଁ ମିଳିତ ଜାତିସଂଘର ନେତୃତ୍ୱରେ ତଦନ୍ତ କରିବାକୁ ବ୍ରିଟେନ ସରକାର ଆହ୍ୱାନ ଦେଇଛନ୍ତି। ବ୍ରିଟେନର ବୈଦେଶିକ ସଚିବ ଡେଭିଡ ଲାମି କହିଛନ୍ତି ବ୍ରିଟେନ ଦକ୍ଷିଣ ଏସିଆରେ ଏକ ଶାନ୍ତିପୂର୍ଣ୍ଣ ଏବଂ ଗଣତାନ୍ତ୍ରିକ ଭବିଷ୍ୟତ ଦେଖିବାକୁ ଚାହୁଁଛି। ସେ କହିଛନ୍ତି ବାଂଲାଦେଶରେ ଗତ ଦୁଇ ସପ୍ତାହରେ ଅଭୁତପୂର୍ବ ହିଂସା ଯୋଗୁଁ ବହୁ ଜୀବନହାନୀ ଘଟିଛି। ଏକ ପରିବର୍ତ୍ତନଶୀଳ ସରକାର ଅଧୀନରେ ବାଂଲାଦେଶରେ ଶାନ୍ତି ଫେରାଇ ଆଣିବା ପାଇଁ ମିଳିତଭାବେ କାର୍ଯ୍ୟ କରିବାକୁ ସେ ସମସ୍ତ ପକ୍ଷଙ୍କୁ ଅନୁରୋଧ କରିଛନ୍ତି। ବାଂଲାଦେଶର ଲୋକମାନେ ଗତ କିଛି ସପ୍ତାହର ଘଟଣାଗୁଡ଼ିକର ଏକ ସମ୍ପୂର୍ଣ୍ଣ ଏବଂ ସ୍ୱାଧୀନ ଜାତିସଂଘ ନେତୃତ୍ୱାଧୀନ ତଦନ୍ତ ପାଇବାକୁ ଯୋଗ୍ୟ।

ସୂଚନାଯୋଗ୍ୟ ହଜାର ହଜାର ବିକ୍ଷୋଭକାରୀ ଢାକାସ୍ଥିତ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନରେ ଭଙ୍ଗାରୁଜା କରିବା ପରେ ଗତକାଲି ପ୍ରଧାନମନ୍ତ୍ରୀ ପଦରୁ ଶେଖ ହସିନା ଇସ୍ତଫା ଦେଇଥିଲେ । ୧୯୭୧ ମସିହା ମୁକ୍ତି ସଂଗ୍ରାମରେ ସାମିଲ ହୋଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ପର୍କୀୟଙ୍କ ପାଇଁ ସରକାରୀ ଚାକିରିରେ ସଂରକ୍ଷଣକୁ ବିରୋଧ କରୁଥିବା ଛାତ୍ର ଏବଂ ପୋଲିସ

ମଧ୍ୟରେ ଗତ ରବିବାର ହୋଇଥିବା ସଂଘର୍ଷରେ ୯୦ରୁ ଅଧିକ ଲୋକ ପ୍ରାଣ ହରାଇବା ସହ ଏକ ହଜାରରୁ ଅଧିକ ଆହତ ହୋଇଥିଲେ।

## ଏଲ୍‌ଏସ୍-ଲାଇଭ୍

ଗତ ୧୦ ବର୍ଷ ମଧ୍ୟରେ ଦେଶରେ ବାମପନ୍ଥୀ ଉଗ୍ରବାଦରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ୨୦୦୪ରୁ ୨୦୧୪ ଏପ୍ରିଲ ତୁଳନାରେ ୨୦୧୪ ମେ'ରୁ ୨୦୨୪ ଏପ୍ରିଲ ମଧ୍ୟରେ ବାମପନ୍ଥୀ ଉଗ୍ରବାଦ ସହ ଜଡିତ ମାମଲା ୫୩ ପ୍ରତିଶତ ହ୍ରାସ ପାଇଛି। ଲୋକସଭାରେ ଆଜି ପ୍ରଶ୍ନକାଳ ସମୟରେ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହି ସୂଚନା ଦେଇଛନ୍ତି। ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ୨୦୧୩ରେ ଦେଶରେ ଉଗ୍ରବାଦ ପ୍ରଭାବିତ ଜିଲ୍ଲାସଂଖ୍ୟା ୧୨୬ ଥିଲା । ସମ୍ପ୍ରତି ଏହି ସଂଖ୍ୟା ୩୮କୁ ହ୍ରାସ ପାଇଛି। ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ ଉଭୟ ସାଧାରଣ ନାଗରିକ ଏବଂ ସୁରକ୍ଷାକର୍ମୀଙ୍କ ମୃତ୍ୟୁସଂଖ୍ୟାରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ୨୦୦୪ରୁ ୨୦୧୪ ମଧ୍ୟରେ ୧୮ଶହରୁ ଅଧିକ ସୁରକ୍ଷା କର୍ମୀ ପ୍ରାଣ ହରାଇଥିବାବେଳେ ଗତ ୧୦ବର୍ଷ ମଧ୍ୟରେ ଏହି ସଂଖ୍ୟା ୫୦୯କୁ କମିଥିବା ମନ୍ତ୍ରୀ କହିଛନ୍ତି।

## ୟୁକ୍ରେନ୍ ଆଡ୍

ୟୁକ୍ରେନ୍‌କୁ ଆମେରିକା ୩ ଦଶମିକ ୯ ବିଲିୟନ ଡଲାରର ଅଣ-ପରିଶୋଧ ଯୋଗ୍ୟ ଆର୍ଥିକ ସହାୟତା ପ୍ରଦାନ କରିଛି। ୟୁକ୍ରେନ୍‌ର ଅର୍ଥମନ୍ତ୍ରୀ ସେର୍‌ଗୀ ମାଚେଙ୍କୋ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଆମେରିକାର ଏହି ଅନୁଦାନ ୟୁକ୍ରେନ୍ ସରକାରଙ୍କ ଋଣବୋଝ ବୃଦ୍ଧି ନ କରି ସାମାଜିକ ଏବଂ ମାନବିକ ଖର୍ଚ୍ଚ ପରିଶୋଧ କରିବାରେ ସାହାଯ୍ୟ କରିବ। ଏହି ପାଣ୍ଠିକୁ ଶିକ୍ଷକ, ଉଦ୍ଧାରକାରୀ ଏବଂ ସରକାରୀ କର୍ମଚାରୀଙ୍କ ପ୍ରାପ୍ୟ ଆକାରରେ ପ୍ରଦାନ କରାଯିବ। ଏଥିସହିତ ଆଭ୍ୟନ୍ତରୀଣ ବିସ୍ଥାପିତ ବ୍ୟକ୍ତି, ସ୍ୱଳ୍ପ ଆୟକାରୀ ପରିବାର ଏବଂ ଭିନ୍ନକ୍ଷମମାନଙ୍କୁ ଏହି ଅର୍ଥରାଶିରୁ ସହାୟତା ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ଦିଆଯିବ। ୨୦୨୨ ଫେବୃୟାରୀଠାରୁ ୟୁକ୍ରେନ୍ ସରକାର ଦେଶର ବଜେଟ୍‌କୁ ସମର୍ଥନ କରିବା ପାଇଁ ଆମେରିକା ଠାରୁ ୨୭ ବିଲିୟନ ଡଲାର ଅନୁଦାନ ପାଇଛି। ଚଳିତବର୍ଷ ୱାଶିଂଟନ୍‌ଠାରୁ କିଭ୍‌କୁ ମୋଟ୍ ୭ ଦଶମିକ ୮ ବିଲିୟନ ଡଲାର ବଜେଟ୍ ସହାୟତା ମିଳିବ ବୋଲି ଆଶା କରାଯାଉଛି।

## ୟୁଏନ୍-ଇସ୍ରାଏଲ ଆଟାକ

ପାଲେଷ୍ଟାଇନ୍ ଶରଣାର୍ଥୀଙ୍କ ପାଇଁ ଏହାର ଏଜେନ୍ସି ୟୁ.ଏନ୍.ଆର୍.ଡବ୍ଲ୍ୟୁ.ଏ ର ୯ଜଣ କର୍ମଚାରୀ ଗତ ଅକ୍ଟୋବର ୭

ତାରିଖରେ ପାଲେଷ୍ଟାଇନ୍ ଗୋଷ୍ଠୀ ହମାସ୍ ଦ୍ୱାରା ଇସ୍ରାଏଲ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ସଂପୃକ୍ତ ଥାଇପାରନ୍ତି ବୋଲି ମିଳିତ ଜାତିସଂଘ କହିଛି । ମିଳିତ ଜାତିସଂଘର ମୁଖପାତ୍ର ଫରହାନ୍ ହକ୍ ଗତକାଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଏହି ୯ଜଣଙ୍କୁ ବରଖାସ୍ତ କରିବା ପାଇଁ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ସୂଚନା ଅଛି । ସେ କହିଛନ୍ତି, ଦକ୍ଷିଣ ଇସ୍ରାଏଲରେ ହୋଇଥିବା ଆକ୍ରମଣରେ ସମ୍ପୃକ୍ତି ଥିବା ଅଭିଯୋଗରେ ୟୁ.ଏନ୍.ଆର୍.ଡବ୍ଲ୍ୟୁ.ଏ ର ୧୯ଜଣ କର୍ମଚାରୀଙ୍କ ବିରୋଧରେ ଜାତିସଂଘ ଆଭ୍ୟନ୍ତରୀଣ ତଦାରଖ ସେବା କାର୍ଯ୍ୟାଳୟ ତଦନ୍ତ କରିଥିଲା । ୯ଟି ମାମଲା ସମ୍ବନ୍ଧରେ ଏହି କାର୍ଯ୍ୟାଳୟ ଦ୍ୱାରା ପ୍ରାପ୍ତ ପ୍ରମାଣରୁ ଆକ୍ରମଣ ଘଟଣାରେ ଏହି କର୍ମଚାରୀଙ୍କ ସଂପୃକ୍ତି ଥିବା ସୂଚନା ମିଳିଛି ।

## ଅଲିମ୍ପିକ୍ସ

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଆଜି ଭାରତୀୟ କ୍ରୀଡ଼ାବିତ୍‌ମାନେ ହକି, ଆଥଲେଟିକ୍ସ, ଟେବୁଲ୍ ଟେନିସ୍ ଏବଂ କୁସ୍ତିରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଭାରତୀୟ ପୁରୁଷ ହକି ଦଳ ଆଜି ସେମିଫାଇନାଲରେ ବିଶ୍ୱ ଚାମ୍ପିୟନ ଜର୍ମାନୀକୁ ଭେଟିବ। ଏହି ମ୍ୟାଚ୍ ୟଭେସ୍-ଡୁ-ମାନୋଇର୍ ଷ୍ଟାଡିୟମରେ ଖେଳାଯିବ, ଯେଉଁଠାରେ ଭାରତୀୟ ଦଳ ଫାଇନାଲରେ ସ୍ଥାନ ପାଇବା

ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବ। ଭାରତ ଓ ଜର୍ମାନୀ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଭାରତୀୟ ସମୟ ଅନୁସାରେ ରାତି ୧୦.୩୦ ମିନିଟରେ ଆରମ୍ଭ ହେବ। ପୂର୍ବତନ ଚାମ୍ପିଅନ୍ ନୀରଜ ଚୋପ୍ରା ଆଜି ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ନିଜର ଅଭିଯାନ ଆରମ୍ଭ କରିବେ। ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବାର ଭାରତର ସବୁଠାରୁ ବଡ଼ ଆଶା ହେଉଛନ୍ତି ନୀରଜ ଚୋପ୍ରା। ଆଜି ଅପରାହ୍ନ ୩.୨୦ ରେ ସେମାନେ ଗ୍ରୁପ୍-ବି ଦଳଗତ ଯୋଗ୍ୟତା ପର୍ଯ୍ୟାୟରେ ଅଂଶଗ୍ରହଣ କରିବେ। ଏହାର ଏକ ଘଣ୍ଟା ପୂର୍ବରୁ ଏସୀୟ କ୍ରୀଡ଼ାର ରୌପ୍ୟ ପଦକ ବିଜେତା କିଶୋର କୁମାର ଜେନା ମଧ୍ୟ ଜାଭେଲିନ୍ ଥ୍ରୋରେ ଫାଇନାଲରେ ସ୍ଥାନ ସୁରକ୍ଷିତ କରିବାକୁ ଚେଷ୍ଟା କରିବେ। ଆଜି ଅପରାହ୍ନ ୨.୩୦ରେ ଭାରତର କିରଣ ପହଲ ମହିଳା ୪୦୦ ମିଟର ଦୌଡ଼ର ରେପେଚେଜ୍ ରାଉଣ୍ଡରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

## ୱାଇନାଡ-ତଲାସୀ ଅଭିଯାନ

କେରଳରେ ଆଜି ସକାଳୁ ୱାଏନାଡର ସୂଚୀପାରା ଅଞ୍ଚଳରେ ମୃତଦେହ ତଲାସୀ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ୨ଜଣ ବନ ଅଧିକାରୀ ସ୍ୱତନ୍ତ୍ର ସୁରକ୍ଷା ଦଳର ୪ଜଣ ସଦସ୍ୟ ଏବଂ ୬ଜଣ ସେନାବାହିନୀର ଯବାନମାନଙ୍କୁ ସେଠାକୁ ପଠାଯାଇଛି। ସେଠାରୁ ମୃତଦେହଗୁଡ଼ିକୁ ଆଣିବା ପାଇଁ ହେଲି କପ୍ଟରର ସହାୟତା ନିଆଯିବ

ବୋଲି ଜଣାପଡିଛି। ଇତିମଧ୍ୟରେ ଭୂ-ସ୍ଖଳନର ଆଜି ଅଷ୍ଟମ ଦିନରେ ୧ହଜାର ୩୦୦ ସେନା ଜବାନ ଏବଂ ୧ହଜାରରୁ ଅଧିକ ସ୍ୱେଚ୍ଛାସେବୀ ତଲାସୀ ଅଭିଯାନ ଜାରି ରଖିଛନ୍ତି। ଗତକାଲି ଭୂ-ସ୍ଖଳନ ପ୍ରଭାବିତ ଅଞ୍ଚଳରେ ୬ଟି ମୃତଦେହ ଉଦ୍ଧାର କରାଯାଇଥିଲା। ଇତିମଧ୍ୟରେ ୨୭ଟି ଚିହ୍ନଟ ହୋଇପାରି ନ ଥିବା ମୃତଦେହ ଏବଂ ୧୫୪ଟି କ୍ଷତବିକ୍ଷତ ଶରୀରକୁ ଗତକାଲି କବର ଦିଆଯାଇଛି।

## ଏଲ୍‌ଏସ୍-ଲାଇଭ୍

ଗତ ୧୦ ବର୍ଷ ମଧ୍ୟରେ ଦେଶରେ ବାମପନ୍ଥୀ ଉଗ୍ରବାଦରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ୨୦୦୪ରୁ ୨୦୧୪ ଏପ୍ରିଲ ତୁଳନାରେ ୨୦୧୪ ମେ'ରୁ ୨୦୨୪ ଏପ୍ରିଲ ମଧ୍ୟରେ ବାମପନ୍ଥୀ ଉଗ୍ରବାଦ ସହ ଜଡିତ ମାମଲା ୫୩ ପ୍ରତିଶତ ହ୍ରାସ ପାଇଛି। ଲୋକସଭାରେ ଆଜି ପ୍ରଶ୍ନକାଳ ସମୟରେ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହି ସୂଚନା ଦେଇଛନ୍ତି। ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ୨୦୧୩ରେ ଦେଶରେ ଉଗ୍ରବାଦ ପ୍ରଭାବିତ ଜିଲ୍ଲାସଂଖ୍ୟା ୧୨୬ ଥିଲା। ସମ୍ପ୍ରତି ଏହି ସଂଖ୍ୟା ୩୮କୁ ହ୍ରାସ ପାଇଛି। ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ ଉଭୟ ସାଧାରଣ ନାଗରିକ ଏବଂ ସୁରକ୍ଷାକର୍ମୀଙ୍କ ମୃତ୍ୟୁସଂଖ୍ୟାରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ୨୦୦୪ରୁ ୨୦୧୪

ମଧ୍ୟରେ ୧୮ଶହରୁ ଅଧିକ ସୁରକ୍ଷା କର୍ମୀ ପ୍ରାଣ ହରାଇଥିବାବେଳେ ଗତ ୧୦ବର୍ଷ ମଧ୍ୟରେ ଏହି ସଂଖ୍ୟା ୫୦୯କୁ କମିଥିବା ମନ୍ତ୍ରୀ କହିଛନ୍ତି ।

## ସୁଦାନ-ଫ୍ଲଡ

ସୁଦାନରେ ପ୍ରବଳ ବର୍ଷା ଏବଂ ବନ୍ୟା ଯୋଗୁଁ ପ୍ରାୟ ୩୨ଜଣଙ୍କର ପ୍ରାଣହାନୀ ଘଟିଥିବାବେଳେ ୧୧୦ଜଣ ଆହତ ହୋଇଥିବା ସୂଚନା ମିଳିଛି । ଦେଶର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ବର୍ଷା ଏବଂ ବନ୍ୟା ଦ୍ୱାରା ୭ଟି ରାଜ୍ୟ ପ୍ରଭାବିତ ହୋଇଛି । ଏହିସବୁ ରାଜ୍ୟଗୁଡ଼ିକରେ ୫ହଜାରରୁ ଅଧିକ ବାସଗୃହ କ୍ଷତିଗ୍ରସ୍ତ ହୋଇଥିବାବେଳେ ଦୂଷିତ ପାଣି ପିଇ ଅନେକ ଲୋକ ରୋଗରେ ପଡିଛନ୍ତି । ଏହି ମୌସୁମୀ ମହାମାରୀର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।